# କଟକ ମହାନଗର ନିଗମ

ଚୌଧୁରୀ ବଜାର, କଟକ-୭୫୩ ୦୦୯

ପତ୍ର.ସଂ. ...... 5126 ......

ତାରିଖ ...... 10.5.24 ......

## ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ମହାନଗର ନିଗମ ଅନ୍ତର୍ଗତ ନିମ୍ନଲିଖିତ ପାର୍କିଂ ସ୍ଥାନ, ଟ୍ୟାକ୍ସି ଷ୍ଟାଣ୍ଡ୍ ଗୁଡ଼ିକୁ ଚଳିତ ୨୦୨୪-୨୫ ଆର୍ଥିକ ବର୍ଷ ଏବଂ ନଡ଼ିଆ ବଗିଚା, ପୋଖରୀ ଆଦି ସୈରାତ ଗୁଡ଼ିକ ୨୦୨୪-୨୫ ଆର୍ଥିକ ବର୍ଷ ଠାରୁ ୨୦୨୬-୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ନିଲାମ ପାଇଁ କଟକ ମହାନଗର ନିଗମ ଚୌଧୁରୀ ବଜାରସ୍ଥିତ କାର୍ଯ୍ୟାଳୟରେ ଆଗ୍ରହୀ ବ୍ୟକ୍ତିଙ୍କ ଠାରୁ **ଆସନ୍ତା ତା. ୧୦.୦୪.୨୦୨୪ ରିଖ ଠାରୁ ତା ୨୩.୦୪.୨୦୨୪ରିଖ ପର୍ଯ୍ୟନ୍ତ ଅପରାହ୍ନ ୨.୩୦ ଘଟିକା** ସୁଦ୍ଧା ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ନିମ୍ନୋକ୍ତ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଉଦ୍ଦିଷ୍ଟ ସୈରାତ ଗୁଡ଼ିକ ପାଇଁ ଧାର୍ଯ୍ୟ ଆମାନତ ଅର୍ଥ, କମିଶନର, କଟକ ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ୍ ଡ୍ରାଫ୍ଟ ସହିତ ବନ୍ଦ ଲଫାପାରେ କଟକ ମହାନଗର ନିଗମ ଚୌଧୁରୀ ବଜାର ସ୍ଥିତ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ ଏବଂ **ତା ୨୩.୦୪.୨୦୨୪ରିଖ ଅପରାହ୍ନ ୦୪.୦୦ ଘଟିକା** ଠାରୁ ସମସ୍ତ ଆବେଦନକାରୀଙ୍କ ଉପସ୍ଥିତରେ ନିଲାମ ଦର ଥିବା ଲଫାପା ଗୁଡ଼ିକ ପର୍ଯ୍ୟାୟ କ୍ରମେ ଖୋଲାଯାଇ ନିଷ୍ପତି ଗ୍ରହଣ କରାଯିବ । ଟେଣ୍ଡର ସମ୍ପର୍କୀୟ ସମ୍ପୁର୍ଣ୍ଣ ବିବରଣୀ କଟକ ମହାନଗର ନିଗମ ଲାଇସେନ୍ସ ବିଭାଗରୁ କାର୍ଯ୍ୟାଳୟ ଦିବସରେ ବୁଝିପାରିବା ସଂଗେ ସଂଗେ କଟକ ମହାନଗର ନିଗମର ୱେବ୍‌ସାଇଟ୍ **www.cmccuttack.odisha.gov.in** ରେ ଦେଖିପାରିବେ ।

**ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଟେଣ୍ଡର ଚୂଡ଼ାନ୍ତ କରାଯିବ ।**

୧. ପୂର୍ବ ବର୍ଷର ନିଲାମ ଟଙ୍କା ବାକି ରଖିଥିବା ବ୍ୟକ୍ତିବିଶେଷ / ଅନୁଷ୍ଠାନ ଅଥବା ପୂର୍ବରୁ ନିଲାମ ସିଦ୍ଧ ହୋଇ ନିଲାମ ଗ୍ରହଣ କରି ନଥିବା ବ୍ୟକ୍ତିବିଶେଷ / ଅନୁଷ୍ଠାନ ମାନେ ଉକ୍ତ ଟେଣ୍ଡରରେ ଭାଗ ନେଇ ପାରିବେ ନାହିଁ ।

୨. ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ତାଙ୍କ ସପକ୍ଷରେ କୌଣସି ଫୌଜଦାରୀ ମାମଲା ବିଚାରାଧିନ ନାହିଁ କିମ୍ବା ସେ କୌଣସି ମାମଲାରେ ସଂଶ୍ଳିଷ୍ଟ ଥାଇ କାରାବରଣ କରି ନଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବେ ।

୩. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ ହେବ, ସେ ସଂଗେ ସଂଗେ ଟେଣ୍ଡର ଟଙ୍କା ଦାଖଲ କରି ରସିଦ ହାସଲ କରିବେ । ତାହା ନ ହେଲେ, ତାଙ୍କର ଦାଖଲ ହୋଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ଉକ୍ତ ଟେଣ୍ଡରରେ ଭାଗ ନେଇଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନକୁ ଟେଣ୍ଡର ଦିଆଯିବ ।

୪. ଯଦି ସର୍ବୋଚ୍ଚ ଟେଣ୍ଡର ସନ୍ତୋଷଜନକ ନ ହୁଏ, ତାହେଲେ କର୍ତ୍ତୃପକ୍ଷ ଇଛା କଲେ ଟେଣ୍ଡର ଚୂଡ଼ାନ୍ତ ନକରି ପୁନି ଟେଣ୍ଡର କରି ପାରିବେ ।

୫. ଟେଣ୍ଡର ଗ୍ରହୀତା ପାର୍କିଂ ଫି (ମହାସୁଲ) ନିମ୍ନ ମତେ ଆଦାୟ କରିବେ ।

(କ) ଚାରି ଚକିଆ ଯାନ ପ୍ରତି ଦୈନିକ ଟ.୫୦.୦୦ଙ୍କା ।

(ଖ) ତିନି ଚକିଆ ଯାନ ପ୍ରତି ଦୈନିକ ଟ.୫୦.୦୦ଙ୍କା ।

(ଗ) ଦୁଇ ଚକିଆ ଯାନ ପ୍ରତି ଦୈନିକ ଟ.୨୦.୦୦ଙ୍କା ।

(ଘ) ସାଇକେଲ ପ୍ରତି ଦୈନିକ ଟ.୫.୦୦ଙ୍କା ।

୬. ପାର୍କିଂ ସ୍ଥାନ ସକାଳ ଘ.୮.୦୦ଟିକା ଠାରୁ ରାତ୍ର ଘ.୧୧.୦୦ଟିକା ପର୍ଯ୍ୟନ୍ତ ଖୋଲା ରଖିବେ ।

୭. ପାର୍କିଂ ସ୍ଥାନ ମହାସୁଲ ଆଦାୟକାରୀ ମାନେ ନିର୍ଦ୍ଧିଷ୍ଟ ସମପୋଷାକ (ୟୁନିଫର୍ମ) ପରିଧାନ କରିବା ସହିତ ନିଜର ପରିଚୟ ପତ୍ର ବେକରେ ଝୁଲାଇବେ ।

୮. ପାର୍କି ସ୍ଥାନକୁ ଟେଣ୍ଡର ଗ୍ରହୀତା ଅନ୍ୟ କୌଣସି ଉଦେଶ୍ୟରେ ବ୍ୟବହାର କରିପାରିବେ ନାହିଁ ।

୯. ଟେଣ୍ଡର ଗ୍ରହୀତା ପାର୍କିଂ ସ୍ଥାନରେ ରହୁଥିବା ଯାନବାହାନର ନିରାପତା ନିମନ୍ତେ ଜଗୁଆଳୀର ବ୍ୟବସ୍ଥା କରିବେ ।

୧୦. ଧାର୍ଯ୍ୟ ଅମାନତ ଅର୍ଥ କମିଶନର, କଟକ ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ ଡ୍ରାଫ୍ଟ ଆବେଦକାରୀ ନିଜ ନାମରେ ବ୍ୟାଙ୍କରୁ କ୍ରୟ କରିବେ ।

୧୧. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ କରାଯିବ, ସେ ମ୍ୟୁନିସିପାଲ କମିଶନରଙ୍କ ସହିତ ଆବଶ୍ୟକୀୟ ଚୁକ୍ତିନାମା ଟେଣ୍ଡର ଚୂଡ଼ାନ୍ତ ହେବାର ସାତ ଦିନ ମଧ୍ୟରେ କରିବେ ।

୧୨. ଉକ୍ତ ଟେଣ୍ଡର ଡ଼ାକକୁ କର୍ତୃପକ୍ଷ ଇଛା କଲେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିପାରିବେ ।

| କ୍ର. ନଂ. | ସୈରାତ ଗୁଡ଼ିକର ନାମ | ଟେଣ୍ଡର ପାଇଁ ସର୍ବନିମ୍ନ ଧାର୍ଯ୍ୟ ରାଶି | ଅମାନତ ଟଙ୍କା | ମିଆଦ |
|---|---|---|---|---|
| ୧. | ପୋଷ୍ଟ ଅଫିସ ସମ୍ମୁଖ ପାର୍କିଂ ସ୍ଥାନ, ଚାନ୍ଦିନୀଚୌକ | ଟ.୪୮୬୨୦/- | ଟ.୪୯୦୦/- | ଆର୍ଥିକ ବର୍ଷ ୨୦୨୪-୨୫ |
| ୨. | ପେଟ୍ରୋଲ ପମ୍ପ ସମ୍ମୁଖ ପାର୍କିଂ ସ୍ଥାନ, କଲେଜଛକ | ଟ.୪୬୨୦୦୦/- | ଟ.୪୬୨୦୦/- | |
| ୩. | ଶୈଳବାଳା ମହାବିଦ୍ୟାଳୟ ପାଖ ପାର୍କିଂ ସ୍ଥାନ | ଟ.୯୨୭୩୦/- | ଟ.୯୩୦୦/- | |
| ୪. | ଆକବରୀ ଖାଁ ଗୁଡ଼ାଖୁ ଦୋକାନ ସମ୍ମୁଖ ପାର୍କିଂ ସ୍ଥାନ, ନିମଚୌଡ଼ି | ଟ.୩୭୫୧୦/- | ଟ.୩୮୦୦/- | |
| ୫. | ଜନିକା ଛକ ପାର୍କିଂ ସ୍ଥାନ | ଟ.୧୧୦୦୦/- | ଟ.୧୧୦୦/- | |
| ୬. | ବାଦାମବାଡ଼ି ଟ୍ୟାକ୍ସି ଷ୍ଟାଣ୍ଡ | ଟ.୨୪୯୭୦୦/- | ଟ. ୨୫୦୦୦/- | |
| ୭. | ବଜ୍ରକବାଟି ରୋଡ଼ ଉପର ମାଳିସାହି ଗଡ଼ା ନିକଟ ପାର୍କିଂସ୍ଥାନ | ଟ.୬୨୧୦୦/- | ଟ.୬୩୦୦/- | |
| ୮. | ଗୋପବନ୍ଧୁ ପାର୍କ ପାର୍ଶ୍ୱବର୍ତି ପାର୍କିଂସ୍ଥାନ, ବକ୍ସି ବଜାର | ଟ.୩୦୫୬୫/- | ଟ.୩୧୦୦/- | |
| ୯. | ପନ୍ଦର ଫୁଟିଆ ପୋଖରୀ, ଗୋପାଳପୁର | ଟ. ୬୦୫୦/- | ଟ.୭୦୦/- | ଆର୍ଥିକ ବର୍ଷ ୨୦୨୪-୨୫ ଠାରୁ ୨୦୨୬-୨୭ |
| ୧୦. | ଗାନ୍ଧୀ ସ୍ମୃତୀ ପୋଖରୀ, ତେଲେଙ୍ଗାପେଣ୍ଠ | ଟ.୮୬୯୦/- | ଟ.୯୦୦/- | |
| ୧୧. | ପଦ୍ମ ପୋଖରୀ, ଗୋପାଳପୁର | ଟ.୧୦୬୭୦/- | ଟ.୧୧୦୦/- | |
| ୧୨. | କଣ୍ଡରା ପୋଖରୀ, ଉତମାପୁର | ଟ.୨୨୨୨୨/- | ଟ.୨୩୦୦/- | |
| ୧୩. | ଗୋପ ପୋଖରୀ, ପ୍ରତାପ ନଗରୀ, ୱାର୍ଡ଼ ନଂ-୫୮ | ଟ.୧୦୧୫୧/- | ଟ.୧୧୦୦/- | |
| ୧୪. | ଗୌରୀଶଙ୍କର ପାର୍କ, ଚୌଧୁରୀବଜାର ନଡ଼ିଆ ଗଛ | ଟ.୬୬୦୦/- | ଟ.୭୦୦/- | |
| ୧୫. | ସଂସ୍କୃତ ଟୋଲ, ଟାଉନହଲ ନିକଟ ନଡ଼ିଆ ଗଛ | ଟ.୫୬୦୦/- | ଟ.୬୦୦/- | |

ଆୟୁକ୍ତଙ୍କ ଆଦେଶ କ୍ରମେ

ଉପ ଆୟୁକ୍ତ

# କଟକ ମହାନଗର ନିଗମ

ଚୌଧୁରୀ ବଜାର, କଟକ-୭୫୩ ୦୦୯

ପତ୍ର .ସଂ. . . . . . . . . . . . . . . . . . ତାରିଖ . . . . . . . . . . . . . . .

ଜ୍ଞାପକ ସଂ..5127../ତା..10.5.25..

ଏହାର ଏକ କିତା ନକଲ ଅତିରିକ୍ତ ଆୟୁକ୍ତ-୧ ଓ ୨ /ଯୁଗ୍ମ ଆୟୁକ୍ତ / ସମସ୍ତ ଉପ ଆୟୁକ୍ତ / ସମସ୍ତ ସହକାରୀ ଆୟୁକ୍ତ / ନଗର ଯନ୍ତ୍ରୀ / ସ୍ୱାସ୍ଥ୍ୟ ଅଧିକାରୀ / ବିତ ଅଧିକାରୀ / ଆଇନ ଅଧିକାରୀ / ବିଜ୍ଞାପନ ବିଭାଗ/ ଶ୍ରୀ ବିଭୁତି ଭୁଷଣ ସାହୁ, ଏମ.ଆଇ.ଏସ୍. କମ୍ପ୍ୟୁଟର ପ୍ରୋଗ୍ରାମର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଶ୍ରୀ ସାହୁ ଉକ୍ତ ଟେଣ୍ଡରକୁ ମହାନଗର ନିଗମ ୱେବସାଇଟ୍‌ରେ ପ୍ରକାଶନ ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ଉପ ଆୟୁକ୍ତ

ଜ୍ଞାପକ ସଂ..5128../ତା..10.5.25..

ଏହାର ଏକ କିତା ନକଲ ଏ.ସି.ପି. (ଟ୍ରାଫିକ), କଟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ

ଜ୍ଞାପକ ସଂ..5129../ତା..10.5.25...

ଏହାର ଏକ କିତା ନକଲ ଡେ଼ପୁଟି ମେୟର/ ମେୟରଙ୍କ ବ୍ୟକ୍ତିଗତ ସହାୟକଙ୍କ ଅବଗତ ତଥା ମାନ୍ୟବର ମେୟର ମହୋଦୟଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ

ଜ୍ଞାପକ ସଂ..5130../ତା..10.5.25...

ଏହାର ଏକ କିତା ନକଲ କମିଶନରଙ୍କ କ୍ଷିପ୍ର ଲେଖକଙ୍କୁ କମିଶନରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ

ଜ୍ଞାପକ ସଂ..5131.../ତା..10.5.25..

ଏହାର ଏକ କିତା ନକଲ କଟକ ମହାନଗର ନିଗମ କାର୍ଯ୍ୟାଳୟ ନୋଟିସ ବୋର୍ଡ଼/ ଜିଲ୍ଲାପାଳ, କଟକ/ ଉପ ଜିଲ୍ଲାପାଳ, କଟକ ସଦର/ ତହସିଲଦାର, ସଦର କଟକ ଙ୍କ ନୋଟିସ ବୋର୍ଡ଼ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯିବା ପାଇଁ ଅନୁରୋଧ କରାଗଲା ।

ଉପ ଆୟୁକ୍ତ

ଜ୍ଞାପକ ସଂ..5132./ତା.10.5.25..

ଏହାର ଏକ କିତା ନକଲ ଭାରପ୍ରାପ୍ତ ଅଧିକାରୀ, ପୁରୀଘାଟ ଥାନାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ